## ଦୁଇ ଭଉଣୀଙ୍କ ସମେତ ୩ ଆହତ, ଅଭିଯୁକ୍ତ ଅଟକ

# ବିଫଳ ପ୍ରେମିକର ଉତ୍ପାତ, ଦୋକାନରେ ପଶି ଛୁରାମାଡ଼

**ଭୁବନେଶ୍ୱର,୨୧।୫/ଏନ୍‌ଏନ୍‌ଏସ୍‌:** ଏକତରଫା ପ୍ରେମକୁ ନେଇ ବିଫଳ ପ୍ରେମିକ ଉନ୍ମତକାଣ୍ଡ ଘଟାଇଛି। ପ୍ରେମିକା କାମ କରୁଥିବା ବେକେରୀ ସପ୍‌ରେ ପଶି ପ୍ରେମିକ ଗଣ୍ଡଗୋଳ କରିଛି। ଏହାସହ ସେଠାରେ ପ୍ରେମିକା ସମେତ ୨ଜଣଙ୍କୁ ଛୁରାମାଡ଼ କରିଛି। ଏହି ଘଟଣାଟି ରାଜଧାନୀର ନୟାପଲ୍ଲୀ ଥାନା ଅଞ୍ଚଳରେ ଘଟିଛି। ଯୁବକ ଜଣକ ତା'ର ଜଣେ ସହଯୋଗୀ ସହ ମିଶି ଏଭଳି କାଣ୍ଡ ଘଟାଇଛି। ତେବେ ଘଟଣାସ୍ଥଳରେ ପ୍ରେମିକ ଜଣକ ଧରାପଡ଼ିଥିବାବେଳେ ତା'ର ସହଯୋଗୀ ଫେରାର ହୋଇଯାଇଥିବା ଜଣାପଡ଼ିଛି। ନୟାପଲ୍ଲୀ ଥାନା ପୁଲିସ ସମ୍ପୃକ୍ତ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହାସହ ଖସି ପଳାଇଯାଇଥିବା ଅଭିଯୁକ୍ତକୁ ପୁଲିସ ଧରିବା ପାଇଁ ଉଦ୍ୟମ ଚଳାଇଛି। ଏନେଇ ଉକ୍ତ ବେକେରୀ ସପ୍ ମାଲିକ ଶଶି ମନିନ୍ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ନୟାପଲ୍ଲୀ ଥାନା ଅନ୍ତର୍ଗତ ବିଜୁ ପଟ୍ଟନାୟକ କଲେଜ ରାସ୍ତା ପାର୍ଶ୍ୱରେ ଶଶି ମନିନ୍ ନାମକ ଜଣେ ବ୍ୟକ୍ତିଙ୍କ ଏକ ବେକେରୀ ସପ୍ ରହିଛି। ସେଠାରେ ଫୁଲବାଣୀର ଦୁଇଭଉଣୀ ଓ ଅନ୍ୟ ଜଣେ ଯୁବକ କାମ କରନ୍ତି। ଶଶିଙ୍କ ଅନ୍ୟ ସ୍ଥାନରେ ଦୋକାନ ଥିବାରୁ ସେ ଉକ୍ତ ବେକେରୀ ସପ୍‌କୁ ସବୁବେଳେ ଆସନ୍ତିନାହିଁ। ସେଠାରେ କାମ କରୁଥିବା ଦୁଇଭଉଣୀଙ୍କ ଭିତରୁ ବଡ଼ଭଉଣୀକୁ ନୟାପଲ୍ଲୀ ଅଞ୍ଚଳରେ ଥିବା ଏକ ବସ୍ତିର ଜଣେ ଯୁବକ ଏକତରଫା ପ୍ରେମ କରୁଥିଲା। ଯାହାକୁ ଯୁବତୀ ଜଣକ ବିରୋଧ କରି ଆସୁଥିଲେ। ଦୋକାନ ବନ୍ଦ ହେବା ପରେ ଯୁବତୀ ଏକାକି ଚାଲି ଚାଲି ଯାଉଥିବାବେଳେ ସବୁବେଳେ ସମ୍ପୃକ୍ତ ଯୁବକ ତାଙ୍କୁ ହଇରାଣ କରୁଥିଲେ। ଗତ ସପ୍ତାହରେ ଯୁବତୀ ଜଣକ ଯୁବକଙ୍କୁ ତାଗିଦ୍ କରିଥିଲେ। ଏହାସହ ମୋ ସାଥିରେ ଲାଗିଲେ ଭଲ ହେବ ନାହିଁ ବୋଲି ସେ ଚେତାବନୀ ଦେଇଥିଲେ। ଏନେଇ ବିଫଳ ପ୍ରେମିକ ତା'ର ଅନ୍ୟ ଜଣେ ସାଙ୍ଗକୁ ଧରି ଗୁରୁବାର ଅପରାହ୍ଣରେ ହଠାତ୍ ଦୋକାନକୁ ଆସିଥିଲା। ଦୋକାନରେ ଦୁଇ ଭଉଣୀଙ୍କ ସମେତ ଅନ୍ୟ ଜଣେ କର୍ମଚାରୀ ଉପସ୍ଥିତ ଥିଲେ। ଏହାଦେଖି ଯୁବକ ଦୋକାନ ବାହାରେ ରହି ଯୁବତୀଙ୍କୁ ଡାକିଥିଲେ। ଯୁବତୀ ଜଣକ ମନା କରିବାରୁ ସେ ତା'ର ସହଯୋଗୀ ସହ ମିଶି ଦୋକାନ ଭିତରକୁ ଯାଇ ଯୁବତୀଙ୍କୁ ଛୁରା ଦେଖାଇ ଭୟଭୀତ କରାଇଥିଲେ। ଏହାଦେଖି ଅନ୍ୟ କର୍ମଚାରୀ ଜଣକ ବିରୋଧ କରିଥିଲେ। ହେଲେ ସେମାନେ ଛୁରାରେ ସମ୍ପୃକ୍ତ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଦୋକାନ ଭିତରେ ଚିତ୍କାର ଶୁଣିବା ପରେ ସ୍ଥାନୀୟ ଦୋକାନୀମାନେ ଆସି ଜଣକୁ କାବୁ କରିନେଇଥିବାବେଳେ ଅନ୍ୟ ଜଣେ ସେଠାରୁ ଖସି ପଳାଇଥିଲା। ଧରାପଡ଼ିଥିବା ଯୁବକକୁ ସ୍ଥାନୀୟ ଦୋକାନୀମାନେ ନିସ୍ତୁକ ମାଡ଼ ମାରି ନୟାପଲ୍ଲୀ ଥାନା ପୁଲିସକୁ ଖବର ଦେଇଥିଲେ। ଏହାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିଥିଲା।